## ସଂକ୍ଷେପରେ

### ଶୈବ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

**ପାଟଣା,୧।୩(ସ୍ୱ. ପ୍ର.):**କରୋନା ପରେ ସ୍ୱାଭାବିକ ଭାବେ ଚଳିତ ବର୍ଷ ଭକ୍ତ ମାନଙ୍କ ପାଇଁ ମହାଶିବରାତ୍ରିରେ ଦେବ ଦର୍ଶନ ପାଇଁ କଟକଣା ହଟିଥିବାରୁ ଭକ୍ତ ମାନେ ଉତ୍ସାହିତ ଅଛନ୍ତି। କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ପୁରାତନ ଶୈବ ପୀଠ ଆନନ୍ଦେଶ୍ୱର ଶିବ ମନ୍ଦିର, ବୈତରଣୀ ତଟ ପରମେଶ୍ୱର ମହାଦେବ, ସ୍ୱାମ ଶାସନ ସ୍ଥିତ ସୋମେଶ୍ୱର ମହାଦେବମନ୍ଦିର, ସାହାରପଡା ମୁଖ୍ୟାଳୟ ସ୍ଥିତ ସର୍ବେଶ୍ୱର ଶିବ ମନ୍ଦିର, ତୁରୁମୁଙ୍ଗା ସ୍ଥିତ ଗିରିଜା ଶଙ୍କର ଓ ମଲ୍ଲିକେଶ୍ୱର ମନ୍ଦିରରେ ମଙ୍ଗଳବାର ସକାଳୁ ମହାଶିବରାତ୍ରି ଆଉ ଜାଗର ପାଇଁ ଭକ୍ତଙ୍କର ଭିଡ଼ ଦେଖିବାକୁ ମିଳିଛି। ଆଦିତ୍ୟ ବାହିନୀ, ସମର ଶିକ୍ଷାର୍ଥୀ ବାହିନୀ, ସ୍କାଉଟ ଓ ସମର ଶିକ୍ଷାର୍ଥୀ ବାହିନୀ ଭକ୍ତମାନେ କିଭଳି ଶୃଙ୍ଖଳାର ସହ ଦେବ ଦର୍ଶନ କରିବେ ସେ ନେଇ ବ୍ୟବସ୍ଥା କରିଥିଲେ। ଆନନ୍ଦେଶ୍ୱର ଶିବ ମନ୍ଦିର ରେ ପୂଜକ ପର୍ଶୁରାମ ପଣ୍ଡା, ଦେବେନ୍ଦ୍ର ମିଶ୍ର ଓ ସୋମେଶ୍ୱର ମନ୍ଦିର ରେ ଶିବପ୍ରସାଦ ଦାଶ ନୀତି କାନ୍ତିରେ ପୂଜାର୍ଚ୍ଚନା କରୁଛନ୍ତି।

### ଟ୍ରକ୍‌କୁ ପିଟିଲା ବସ୍ ଜଣେ ମୃତ, ୧୦ ଗୁରୁତର

**ଜଳେଶ୍ୱର, ୧।୩(ଡି.ଏନ୍.ଏ.):** ବାଲେଶ୍ୱର ଜିଲା ଜଳେଶ୍ୱର ନିକଟ ୬୦ନଂ. ଜାତୀୟ ରାଜପଥ ଲକ୍ଷ୍ମଣନାଥ ଟୋଲପ୍ଲାଜା ନିକଟରେ ସୋମବାର ବିଳମ୍ବିତ ରାତିରେ ଏକ ଦୁର୍ଘଟଣା ଘଟିଛି। ସେଠାରେ ଠିଆ ହୋଇଥିବା ଏକ ଟ୍ରକକୁ ବସ୍ ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୦ଜଣ ଯାତ୍ରୀ ଗୁରୁତର ହୋଇ ପଶ୍ଚିମବଙ୍ଗ ଦାନ୍ତନସ୍ଥିତ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଏହି ବସ୍ ଭୁବନେଶ୍ୱରରୁ କୋଲକାତା ଅଭିମୁଖେ ଯାଉଥିଲା। ଘଟଣାସ୍ଥଳରେ ବସ୍ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ଉଲ୍ଲେଖଯୋଗ୍ୟ, ଉପାନ୍ତ ୬୦ନଂ. ଜାତୀୟ ରାଜପଥରେ ପଶ୍ଚିମବଙ୍ଗ ପୋଲିସ ବ୍ୟାରିକେଡ ଲଗାଇ ଯାନବାହନ ଯାଞ୍ଚ କରୁଛି। ଏହାର ସୁଯୋଗ ନେଇ କେତେକ ଦୁର୍ବୃତ୍ତ ଗାଡିଗୁଡିକରୁ ଚାନ୍ଦା ଆଦାୟ କରୁଛନ୍ତି। ଫଳରେ ରାଜପଥରେ ଘଣ୍ଟା ଘଣ୍ଟା ଧରି ବିଭିନ୍ନ ଗାଡି ଛିଡା ହେଉଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି।

### ଦୋକାନରୁ ଚୋରି

**କେନ୍ଦୁଝର,୧।୩ (ସ୍ୱ.ପ୍ର.):** ପଞ୍ଚାୟତ ନିର୍ବାଚନରେ ପୋଲିସ ବ୍ୟସ୍ତ ଥିବା ବେଳେ ଏହାର ସୁଯୋଗ ନେଇ ଚୋର ମାନେ ବେଶ ସକ୍ରିୟ ହୋଇ ପଡିଛନ୍ତି। ଟାଉନ ଥାନା ଶିରିପୁର ଛକ ନିକଟରେ ଥିବା ଏକ ଭେରାଇଟି ଦୋକାନରୁ ଚୋର ମାନେ ସ୍କାଏଲାଇଟ ଭାଙ୍ଗି ଭିତରେ ପଶି ପର୍ସରେ ଥିବା ୧୬ ହଜାର ଟଙ୍କା, ଡ୍ରରେ ଥିବା ୧୫ ହଜାର ଟଙ୍କା, ସିସିଟିଭି, ସେଟଅପ ବକ୍ସ, ୭ ମୋବାଇଲ ଫୋନ, ସୁନା ମୁଦି ଆଦି ଚୋରି କରିଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ଦୁଇରୁ ତିନି ଜଣ ଏହି ଚୋରି କରିଥିବା ସିସିଟିଭି ଫୁଟେଜରୁ ଜଣାପଡୁଥିବା ବେଳେ ସେମାନେ ସ୍ଥାନୀୟ ଅଞ୍ଚଳର ବୋଲି ଅନୁମାନ କରାଯାଉଛି। ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

### ମହିଳାଙ୍କ ଆତ୍ମହତ୍ୟା

**ରୂପସା, ୧।୩(ଡି.ଏନ.ଏ.):** ମହାଶିବରାତ୍ରିରେ ସବୁଠି ଉତ୍ସବର ମାହୋଲ ଚାଲିଥିବା ବେଳେ ଜଣେ ବିବାହିତା ମହିଳା ଫାଶୀ ଦେଇ ଆତ୍ମହତ୍ୟା କରିବା ଘଟଣା ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଘଟଣା ଘଟିଛି ବାଲେଶ୍ୱର ଜିଲା ରୂପସା ଥାନା ଗଡ଼ପଦା ପଞ୍ଚାୟତ ଜାମୁନିଆ ଗ୍ରାମରେ। ସ୍ୱାମୀ ପ୍ରଶାନ୍ତ ମହାନ୍ତିଙ୍କ ସହ ସ୍ତ୍ରୀ ମୀନତି ସକାଳେ ବାମଡ଼ାସ୍ଥିତ ଶିବମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରି ଘରକୁ ଫେରିଥିଲେ। କୌଣସି କାରଣରୁ ମୀନତି ମାନସିକ ଭାରସାମ୍ୟ ହରାଇ ବେଡ଼ରୁମ୍‌ରେ ଫାଶୀ ଦେଇ ଆତ୍ମହତ୍ୟା କରିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ପରିବାର ଲୋକେ ଘର କବାଟ ଭାଙ୍ଗି ମୀନତିଙ୍କ ମୃତଦେହ ଉଦ୍ଧାର କରିଥିଲେ। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଜଳିଗଲା ୨ବଖରା

**ସଜନାଗଡ଼,୧।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଜାମୁଡିଆ ପଞ୍ଚାୟତ ରିଙ୍ଗପୁର ଗ୍ରାମରେ ମଙ୍ଗଳବାର ଗୋପୀନାଥ ସିଂଙ୍କର ୨ ବଖରା ଜଳିଯାଇଛି। ଘରେ ଥିବା ସମସ୍ତ ଆସବାବପତ୍ର, ଧାନଚାଉଳ ପୋଡ଼ି ପାଉଁଶ ହୋଇଯାଇଛି। ନିଆଁର ପ୍ରକୋପ ଏତେ ଥିଲା ଯେ, ପିନ୍ଧିଥିବା ଲୁଗା ବ୍ୟତୀତ କିଛି ବି ବାହାର କରିପାରି ନ ଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ସବୁକିଛି ପୋଡ଼ି ପାଉଁଶ ହୋଇଯାଇଥିଲା। ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଜାମୁଡ଼ିହା ସରପଞ୍ଚ ଚାନ୍ଦମଣି ମୁର୍ମୁ, ସମିତିସଭ୍ୟା ରଶ୍ମିତା ମହାପାତ୍ର ଓ ପଡ଼ୋଶୀ ବିଜୟ ରାଉତ ପ୍ରମୁଖ ଉପସ୍ଥିତ ରହି ପ୍ରତିଶ୍ରୁତି ଦେଇଥିଲେ।

# ଭକ୍ତିମୟ ଆଖଣ୍ଡଳମଣି ପୀଠ

- ନିର୍ଦ୍ଧାରିତ ସମୟରେ ହେଲା ନୀତିକାନ୍ତି
- ଭକ୍ତ ମାନିଲେନି କଟକଣା

**ଆରଡି, ୧।୩(ଡି.ଏନ.ଏ.)**

ଭଦ୍ରକ ଜିଲାର ଆରଡ଼ି ଆଖଣ୍ଡଳମଣି ପୀଠରେ ମହାଶିବରାତ୍ରି ଉପଲକ୍ଷେ ଭକ୍ତଙ୍କ ଭିଡ଼ ହୋଇଥିଲା। ମଙ୍ଗଳବାର ଭୋର ୪ଟାରେ ମନ୍ଦିର ପହଡ ଖୋଲାଯାଇ ମଙ୍ଗଳ ଆଳତୀ କରାଯାଇଥିଲା। ସାଢେ ୪ଟାରେ ବାବାଙ୍କ ସ୍ନାନକୃତ୍ୟ ସମ୍ପନ୍ନ ପରେ କନିକା ରାଜାଙ୍କ ପହିଲି ଘର୍ଷଣ ଲାଗି କରାଯାଇଥିଲା। ୫ଟାରେ ସାହାଣ ମେଲା କରାଯାଇ ଭକ୍ତଙ୍କୁ ଦିଗମ୍ବର ବେଶ ଦର୍ଶନ କରିବାର ସୁଯୋଗ ଦିଆଯାଇଥିଲା। ବିଧି ଅନୁସାରେ ସକାଳ ଠାରୁ ରାତ୍ର ଯାଏ ବାବାଙ୍କୁ ଘର୍ଷଣ ଲାଗି କରାଯାଇଥିଲା। ନିର୍ଦ୍ଧାରିତ ସମୟରେ ସମସ୍ତ ନୀତିକାନ୍ତି ହୋଇଥିଲା।

କୋଭିଡ କଟକଣା ପାଇଁ ପୀଠରେ ୧୪୪ ଧାରା ବୁଧବାର ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ବଳବତ୍ତର ରହିଥିବା ଜିଲା ପ୍ରଶାସନ ଘୋଷଣା କରିଥିଲା। ସ୍ୱଳ୍ପ ସଂଖ୍ୟକ ପୋଲିସ ପୀଠରେ ମୁତୟନ କରାଯାଇଥିଲା। ଏହାର ସୁଯୋଗ ନେଇ ପୀଠକୁ ଶହଶହ ଭକ୍ତଙ୍କର ସୁଅ ଛୁଟିଥିଲା। ଆରଡି ଓ କୁଳେଇପଦା ମଧ୍ୟରେ ପୋଲିସ ବହୁ ଗାଡି ଅଟକାଇ ଥିଲେ ବି ସଂଖ୍ୟାଧିକ ଭକ୍ତ ପୀଠ ମଧ୍ୟକୁ ପ୍ରବେଶ କରିଥିଲେ। ଭକ୍ତମାନେ ପୀଠରେ ପ୍ରବେଶ କରିବା ସହ ଲମ୍ବା ଲାଇନରେ ଆସି ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହ ପୀଠକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ଭଦ୍ରକ ସତ୍ୟସାଇ ସେବା ସଂଗଠନ, ଭଦ୍ରକ ଜିଲା ରକ୍ତ ସଂଗଠନ, ବାବାମଣି ଡିଗ୍ରୀ କଲେଜ ଜାତୀୟ ସେବା ଯୋଜନା ଆଦି ସ୍ୱେଚ୍ଛାସେବୀ ସଂଗଠନ ସେବା ଯୋଗାଇ ଦେଇଥିଲେ। ଅପରାହ୍ନରେ ୪ ପଞ୍ଚାୟତ ବ୍ୟତୀତ ଅନ୍ୟ ଶ୍ରଦ୍ଧାଳୁଙ୍କୁ ପୀଠକୁ ଛଡା ଯାଇ ନ ଥିଲା। ରାତିରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଶିବଗଙ୍ଗା ପୁଷ୍କରିଣୀ ପାର୍ଶ୍ୱରେ ଦୀପ ଜାଳି ଉଜାଗର ରହିଥିଲେ। ରାତି ୧୧ ଟାରେ ସେବାୟତଙ୍କ ତରଫରୁ ୧୦୮ କଳସ ଜଳ ଲାଗି କରାଯାଇଥିଲା। ରାତି ୧୨ଟାରେ ମଣିବାବାଙ୍କର ସୁନାବେଶ ଆରମ୍ଭ ହୋଇଥିଲା। ଏହି ସମୟରେ ଭକ୍ତଙ୍କୁ ମନ୍ଦିର ଯିବାକୁ ବାରଣ କରାଯାଇଥିଲା। ରାତ୍ର ୧.୩୦ରେ ସୁନାବେଶ ସମ୍ପନ୍ନ ହେବା ସହ ସର୍ବ ସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ରାତି ୩.୧୫ ମିନିଟରେ ମହାଦୀପ ପୂଜା ହେବା ସହ ୪ଟାରେ ବେଢା ପରିକ୍ରମା କରିବ। ଭୋର ୪.୩୦ରେ ମନ୍ଦିର ଚୂଡାକୁ ମହାଦୀପ ଉଠିବ ବୋଲି ମନ୍ଦିର ପ୍ରଶାସନ ଓ ସେବାୟତ ସଂଘ ପକ୍ଷରୁ ଚୂଡାନ୍ତ ନିଷ୍ପତ୍ତି ହୋଇଥିଲା। ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ, ସହ ପରିଚାଳକ ସୁଧାକର ବିଶ୍ୱାଳ, ଜିଲା ସୂଚନା ଅଧିକାରୀ ରମେଶ ଚନ୍ଦ୍ର ନାୟକ ପୀଠରେ ଉପସ୍ଥିତ ଥିଲେ। ଧାମନଗର ଏସଡିପିଓ ବିଜୟ ମହାପାତ୍ର, ଧୂଷୁରୀ ଥାନାଧିକାରୀ ପ୍ରକାଶ ପୃଷ୍ଟି, ସବଇନ୍ସପେକ୍ଟର ମହାପ୍ରସାଦ ନାୟକ, ଆରଡି ଫାଣ୍ଡି ଅଧିକାରୀ ବୈଦ୍ୟନାଥ ସୋରେନ ପୀଠରେ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ସହ ଜାଗର ମହୋତ୍ସବ ଶେଷ ହୋଇଥିବାରୁ ଉପଜିଲାପାଳ ତଥା ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ମନୋଜ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଛନ୍ତି।



ଫୁଲରେ ସୁସଜ୍ଜିତ ଆଖଣ୍ଡଳମଣି ପୀଠ।



ଶ୍ରଦ୍ଧାଳୁମାନେ ମନ୍ଦିର ପରିସରରେ ଦୀପ ଜାଳୁଛନ୍ତି।



ଚନ୍ଦନେଶ୍ୱର ମହାଦେବଙ୍କଠାରେ ଶ୍ରଦ୍ଧାଳୁମାନେ ଜାଗର ଜାଳୁଛନ୍ତି।



ଜାଗର ପାଇଁ ଚଳଚଞ୍ଚଳ ପଞ୍ଚଲିଙ୍ଗେଶ୍ୱର ଶୈବପୀଠ।



ଲଙ୍ଗଳେଶ୍ୱର ଶୈବପୀଠ।

## ଜାଗର ଜାଳିଲେ ଶ୍ରଦ୍ଧାଳୁ

**ଭୋଗରାଇ, ୧।୩(ଡି.ଏନ.ଏ.)**

ମହାଶିବରାତ୍ରିରେ ବିଭିନ୍ନ ଶୈବପୀଠ ଭକ୍ତିମୟ ହୋଇଥିଲା। ପୂର୍ବ ଭାରତର ପ୍ରସିଦ୍ଧ ଶୈବପୀଠ ଦେବଦେବ ମହାଦେବ ହୁଗୁଳି ଗ୍ରାମର ଜଳଯନ୍ତ୍ର ଦେବତା ଶ୍ରୀ ଚନ୍ଦନେଶ୍ୱର ଓ ଏସିଆର ସର୍ବବୃହତ୍ ଶିବଲିଙ୍ଗ ଭୂଷଣ୍ଡେଶ୍ୱର ମନ୍ଦିରରେ ଓଡ଼ିଶା ଓ ପଶ୍ଚିମବଙ୍ଗର ସହସ୍ରାଧିକ ଶ୍ରଦ୍ଧାଳୁ ବ୍ରତ ପାଳନ କରି ଶଙ୍କରଙ୍କଠାରେ ପୂଜାର୍ଚ୍ଚନା ଓ ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ। ଚୌକି ଗ୍ରାମର ନୀଳକଣ୍ଠେଶ୍ୱର, ଦେଉଳା ହାଟଠାରେ ଅନନ୍ତ ପୁରୁଷୋତ୍ତମ, ଭୋଗରାଇ ଓ କମର୍ଦ୍ଦାରେ ବାରଦେଉଳି, କୁମ୍ଭାରମୂଳୀରେ ଧବଳେଶ୍ୱର, କାଳାହି ଓ ଗୋବର୍ଦ୍ଧନପୁରରେ ଝଗଡ଼େଶ୍ୱର, ଆରୁହାବୃତ୍ତିରେ ଅଷ୍ଟଶମ୍ଭୁ, ନାମ୍ପୋରେ ତୈଳକେଶ୍ୱର, କୁସୁଡାରେ ବଡ଼ବଡେଶ୍ୱର, ପୁଟିଣାରେ ପୁଟିଣେଶ୍ୱର ସହ ମହେଶପୁର, ଜଳେଶ୍ୱରପୁର, ପସରବିନ୍ଧା, ଭୋଗରାଇଲକ୍, ବାଉଁଶଡିହା ପ୍ରମୁଖ ଗ୍ରାମୀଣ ମହାଦେବଙ୍କଠାରେ ସଂଖ୍ୟାଧିକ ମହିଳା ବ୍ରତଧାରୀମାନେ ଆରାଧନା କରିଥିଲେ। ପଞ୍ଚାୟତ ନିର୍ବାଚନରେ ବିଜୟୀ ପ୍ରାର୍ଥୀମାନେ ମହାଦେବଙ୍କଠାରେ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସ, କଂଗ୍ରେସ ନେତା ସତ୍ୟଶିବ ଦାସ, ଭାଜପାର ମାନସ ମହାନ୍ତିଙ୍କ ସହ ବହୁ ବରିଷ୍ଠ ନେତାମାନେ ଶୈବପୀଠରେ ପୂଜାର୍ଚ୍ଚନା କରିଥିଲେ। ପ୍ରଶାସନ ଓ ପୋଲିସ ପକ୍ଷରୁ ଶ୍ରଦ୍ଧାଳୁଙ୍କ ନିମନ୍ତେ ସୁବିଧାସୁଯୋଗ କରାଯାଇଥିଲା।

## ଶିବମନ୍ତ୍ରରେ କମ୍ପିଲା ପଞ୍ଚଲିଙ୍ଗେଶ୍ୱର ପୀଠ

**ସଜନାଗଡ଼, ୧।୩(ଡି.ଏନ.ଏ.)**

ମହାଶିବରାତ୍ରିରେ ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାଲେଶ୍ୱର ଜିଲା ନୀଳଗିରି ନିକଟ ବାବା ପଞ୍ଚଲିଙ୍ଗେଶ୍ୱରଙ୍କ ପୀଠ ଶିବମନ୍ତ୍ରରେ ପ୍ରକମ୍ପିତ ହୋଇଥିଲା। ଶ୍ରଦ୍ଧାଳୁମାନେ ମନସ୍କାମନା ପୂରଣ ଆଶାରେ ୨୫୬ଟି ପାହାଚ ଚଢ଼ି ପୂଜାର୍ଚ୍ଚନା କରିଥିଲେ। ପାଖାପାଖି ୩୦ହଜାରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସହ ପର୍ଯ୍ୟଟକଙ୍କ ସୁଅ ଛୁଟିଥିଲା। ଚଳିତବର୍ଷ ମଧ୍ୟ କରୋନାର ଭୟ ଟଳି ନ ଥିବାରୁ କୋଭିଡ୍ କଟକଣା ଭିତରେ ଶୈବପୀଠରେ ସ୍ୱତନ୍ତ୍ର ନୀତିକାନ୍ତି, ମଙ୍ଗଳ ଆଳତୀ ଓ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଭକ୍ତମାନେ ଯେପରି ସାମାଜିକ ଦୂରତା ରଖି ଦୀପଦାନ ଓ ପୂଜାର୍ଚ୍ଚନା କରିପାରିବେ ସେଥିପାଇଁ ଶୈବପୀଠ ପରିସରରେ ବ୍ୟାରିକେଡ ଏବଂ ପାନୀୟଜଳ ବ୍ୟବସ୍ଥା କରାଯାଇଥିଲା। ଗର୍ଭଗୃହରେ ଭକ୍ତଙ୍କ ପ୍ରବେଶ ନିଷେଧ ଥିବାବେଳେ କେବଳ ପୂଜାର୍ଚ୍ଚନା କରିଥିଲେ। ରାତି ୩ଟା ୨୫ ପୂର୍ବରୁ ମହାଦୀପ ଉଠିବ ବୋଲି ସୂଚନା ମିଳିଛି।

## ଚଳଚଞ୍ଚଳ ଲଙ୍ଗଳେଶ୍ୱର ଶୈବପୀଠ

**ଲଙ୍ଗଳେଶ୍ୱର, ୧।୩(ଡି.ଏନ.ଏ.)**

ସର୍ବପୁରାତନ ବାବା ଲଙ୍ଗଳେଶ୍ୱର ଶୈବପୀଠରେ ଶ୍ରଦ୍ଧାଳୁମାନଙ୍କ ଗହଳି ଲାଗିଥିଲା। କୌଣସି ବ୍ୟାଧିଗ୍ରସ୍ତ ଲୋକ ଲଙ୍ଗଳେଶ୍ୱର ମହାଦେବଙ୍କଠାରେ ଅଧିଆ ପଡ଼ିବା ସହିତ ମହାଦେବଙ୍କ ପାଦୁକା ସେବନ କଲେ ରୋଗରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି। ଗତ ଦୁଇ ବର୍ଷ ଧରି କୋଭିଡ୍ କଟକଣା ଯୋଗୁ ଜାଗର ଯାତ୍ରା ବନ୍ଦ ରହିଥିଲା। ସୁରୁଖୁରୁରେ ପୂଜାର୍ଚ୍ଚନା ପାଇଁ ମନ୍ଦିର କମିଟି ଏବଂ ବାଲିଆପାଳ ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି ବୋଲି ବାଲିଆପାଳ ତହସିଲଦାର ଦୀପକ କୁମାର ଦାସ ଏବଂ ସିଂଲା ଥାନା ଅଧିକାରୀ ପ୍ରଶାନ୍ତ କୁମାର ଜେନା ସୂଚନା ଦେଇଛନ୍ତି।

## କଟକଣାରେ ଦୀପ ଜାଳିଲେ

**ବାରିପଦା ଅଫିସ/ବାଙ୍ଗିରିପୋଷି/ କୁଆମରା/ ରାଇରଙ୍ଗପୁର, ୧।୩(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲାର ବିଭିନ୍ନ ଶୈବ ପୀଠରେ କୋଭିଡ୍ କଟକଣାରେ ମହାଶିବରାତ୍ରୀ ପାଳିତ ହୋଇଯାଇଛି। କୋଭିଡ୍ କଟକଣାରେ ଶ୍ରଦ୍ଧାଳୁମାନେ ଶିବ ଦର୍ଶନ କରିବା ସହ ଜାଗର ଦୀପ ଜାଳିଥିଲେ। ବାଙ୍ଗିରିପୋଷି ବ୍ଲକର ବିଭିନ୍ନ ଶୈବପୀଠରେ ମଙ୍ଗଳବାର ଭିଡ଼ ଜମିଥିଲା। ଗୋଲାମୁଣ୍ଡାକଟା ପଞ୍ଚାୟତର ଶିମିଳା ସ୍ଥିତ ବାବା ଶିମଳେଶ୍ୱର ଶୈବପୀଠ ସମେତ ବ୍ଲକ ଅଞ୍ଚଳରେ ଥିବା ଅନ୍ୟ ଶୈବପୀଠ ଆଦ୍ୟେଶ୍ୱର, କାଦେଶ୍ୱର, ସ୍ୱପ୍ନେଶ୍ୱର, ଝାଡେଶ୍ୱର, କୁଶଳେଶ୍ୱର, ଚନ୍ଦନେଶ୍ୱର ପ୍ରମୁଖ ପୀଠ ଗୁଡ଼ିକରେ ଶ୍ରଦ୍ଧାଳୁମାନେ ଧାଡିରେ ଯାଇ ପ୍ରଭୁଙ୍କୁ ଦର୍ଶନ କରିଥିଲେ। ଶିମିଳାଠାରେ ଥିବା ସ୍ଥାୟୀ ଭୋଗ ଦୋକାନକୁ ତହସିଲଦାର ସତ୍ୟବାନ ନାୟକ ପହଞ୍ଚି ବନ୍ଦ କରିଥିଲେ। ଏନେଇ କିଛି ସମୟ ପାଇଁ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଥାନା ଅଧିକାରୀ ସଞ୍ଜୟ କୁମାର ପରିଡ଼ାଙ୍କ ସହିତ ପୋଲିସ କର୍ମଚାରୀ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତର ଚତୁରୀ, ଗଦାଧର କୁଆଁରୀପୁର ଶାସନ, ସିମିଳାବନ୍ଧ, କୁଆମରା,ପଟୁଆ,ସିର୍କିଡିଆ, ଉପରକଡଦା, ଚିଲିମା, ଖିରିପଦା, ଖଡିକାପଦା ଆଖଣ୍ଡଳମଣି ପୀଠ, ରାଣୀବନ୍ଧ ପଞ୍ଚାୟତ ସ୍ଥିତ ଛୁରୁଣୀ ନିକଟସ୍ଥ ମେଘା ଶୈବ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ରାଇରଙ୍ଗପୁର ସହରାଞ୍ଚଳ ସମେତ ପୁରପଲ୍ଲୀରେ ମହାଶିବରାତ୍ରୀ ପାଳିତ ହୋଇଯାଇଛି। ସହରାଞ୍ଚଳ ସ୍ଥିତ କୁଚେଇବୁଡ଼ି ବସ୍ତିରେ ଥିବା ବାବା ପୂର୍ଣ୍ଣେଶ୍ୱର ମହାଦେବ, ଗଡ଼ ବସ୍ତି ସ୍ଥିତ ବାବା ଐଶେନେଶ୍ୱରଙ୍କ ମହାଦେବ, ଅଁଳାଡୁବା ବସ୍ତି ସ୍ଥିତ କପିଳେଶ୍ୱର ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା।



ବାଙ୍ଗିରିପୋଷିରେ ଶ୍ରଦ୍ଧାଳୁ ଜାଗର ଦୀପ ଜାଳୁଛନ୍ତି।

## ମହାମୃତ୍ୟୁଞ୍ଜୟ ମନ୍ତ୍ରରେ କମ୍ପିଲା ଦେବାଳୟ

**କେନ୍ଦୁଝର, ୧।୩(ଡି.ଏନ୍.ଏ.)**

ପବିତ୍ର ମହାଶିବରାତ୍ରି ଅବସରରେ କେନ୍ଦୁଝର ଜିଲାର ବିଭିନ୍ନ ଅଞ୍ଚଳରେ ଥିବା ଦେବାଳୟମାନଙ୍କରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ମଙ୍ଗଳବାର ପ୍ରତ୍ୟୁଷରୁ ବିଭିନ୍ନ ସ୍ଥାନରେ ଥିବା ମନ୍ଦିରର ମହାଦେବଙ୍କ ନିକଟରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଅନୁଷ୍ଠିତ ହେବା ସହ ଷୋଡଶ ଉପଚାରରେ ପ୍ରହର ପୂଜା କରାଯାଇଥିଲା। ଅନେକ ସ୍ଥାନରେ ସନ୍ଧ୍ୟା ସମୟରେ ମହାଦୀପ ଉଠିବା ସହିତ ଆଉ କେତେକ ସ୍ଥାନରେ ବିଳମ୍ବିତ ରାତ୍ରିରେ ମହାଦୀପ ଉଠିବାର ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ବିଭିନ୍ନ ସ୍ଥାନରେ ପ୍ରସାଦସେବନ, ଶିବସ୍ତୋତ୍ର, ମହାମୃତ୍ୟୁଞ୍ଜୟ ମନ୍ତ୍ର ପାଠ, ଜଳାଭିଷେକ, ରୁଦ୍ରାଭିଷେକ ଓ ଦୀପ ସମର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କେନ୍ଦୁଝର ଜିଲାର ପ୍ରାଚୀନ ଶୈବପୀଠ ଗୋନାସିକାର ବ୍ରହ୍ମେଶ୍ୱରଙ୍କର ମନ୍ଦୀରରେ ପୂଜାର୍ଚ୍ଚନା ଅନୁଷ୍ଠିତ ହେବା ସହ ଭକ୍ତଙ୍କର ଗହଳି ହୋଇଥିଲା। ଏହି ପୀଠରେ ପ୍ରତ୍ୟୁଷରୁ ଦେବସ୍ନାନ ପରେ ମାର୍ଜଣା, ଖେଚୁଡ଼ି ଧୂପ, ସନ୍ଧ୍ୟାରେ ଚକୁଳି ବାଟୁଳା ଲାଗି ଏବଂ ସନ୍ଧ୍ୟାରୁ ମହାଦୀପ ଉଠିବା ପର୍ଯ୍ୟନ୍ତ ଦୀପ ପ୍ରଜ୍ୱଳନ ମନ୍ଦିର ପରିସରକୁ ଭକ୍ତିମୟ କରିଥିଲା। ସେହିପରି କେନ୍ଦୁଝର ସହରର ବିଭିନ୍ନ ସ୍ଥାନରେ ଥିବା ଶିବମନ୍ଦିର, ବୋଦାପଳସାର ଚନ୍ଦ୍ରଶେଖର ମହାଦେବ, ସିଦ୍ଧମଠ ଚଉବଚାଠାରେ ଥିବା ପ୍ରଭୁ ଧବଳେଶ୍ୱରଙ୍କ ପୀଠ, ବଡଶାସନର ବାଲୁଙ୍କେଶ୍ୱର ମହାଦେବ ଆଦି ମନ୍ଦିରରେ ଭକ୍ତଙ୍କ ଗହଳି ହୋଇଥିଲା। ଏଥିସହ ଗୋନାସିକା ଏବଂ ବୈତରଣୀର ବିଭିନ୍ନ ସ୍ଥାନରେ ବୁଡ଼ ପକାଇବା ପାଇଁ ଭକ୍ତଙ୍କ ସମାଗମ ହୋଇଥିଲା। ବିଭିନ୍ନ ମନ୍ଦିର ପ୍ରାଙ୍ଗଣରେ ମହାଦୀପ ଉଠିବା ପର୍ଯନ୍ତ ଭକ୍ତମାନେ ଅପେକ୍ଷା କରିଥିବାର ଦେଖାଯାଇଥିଲା।

### ଟ୍ରେନ୍‌ରୁ ଖସି ଯୁବକଙ୍କ ମୃତ୍ୟୁ

**କୁଆମରା,୧।୩(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ସାଇଁକୁଲା ପଞ୍ଚାୟତ ଅଧୀନ ଭାନପୁର ଗ୍ରାମର ଜଣେ ଯୁବକ ଟ୍ରେନରୁ ଖସିପଡ଼ି ପ୍ରାଣ ହରାଇଛନ୍ତି। ସେ ହେଲେ ପଦ୍ମନାଭ ପଣ୍ଡା। ଏକ ମେଡିସିନ କମ୍ପାନୀରେ କାମ କରୁଥିବା ପଦ୍ମନାଭ ପରିବାର ସହ ବାଲେଶ୍ୱରରେ ରହୁଥିଲେ। ସପ୍ତାହକ ତଳେ ସେ କମ୍ପାନୀ କାମରେ ବେଙ୍ଗାଲୁର ଯାଇଥିଲେ। କାମ ସାରି ବାଲେଶ୍ୱର ଫେରୁଥିବା ବେଳେ ୨୭ ତାରିଖରେ ବେଙ୍ଗାଲୁର ସ୍ଥିତ ଯଶବନ୍ତପୁରଠାରେ ଚଳନ୍ତା ଟ୍ରେନରୁ ଖସି ପଡ଼ିଥିଲେ। ଦୁର୍ଘଟଣା ପରେ ରେଲୱେ କର୍ମଚାରୀମାନେ ତାଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନାକୁ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ମଙ୍ଗଳବାର ଅପରାହ୍ନରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପଦ୍ମନାଭଙ୍କ ସ୍ତ୍ରୀ ଓ ୭ ବର୍ଷର ଏକ ପୁତ୍ର ଥିବା ଜଣାପଡ଼ିଛି।

## 'ଛାତ୍ରୀଛାତ୍ର ବିଜ୍ଞାନ ପ୍ରତି ଆଗ୍ରହ ପ୍ରକାଶ କରିବା ଉଚିତ'

**ବାରିପଦା ଅଫିସ,୧।୩**

ମୟୂରଭଞ୍ଜ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏମ୍‌ପିସି ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ବିଜ୍ଞାନ ଦିବସ ଆୟୋଜିତ ହୋଇଯାଇଛି। ଜିଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଦିପ୍ତୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ର ମାନଙ୍କୁ ବିଜ୍ଞାନ ଶିକ୍ଷା ପ୍ରତି ଅଧିକ ଆଗ୍ରହ ପ୍ରକାଶ ପାଇଁ ପରାମର୍ଶ ଦେଇଥିଲେ। ପୂର୍ବତନ ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ସାହୁ ଓ ଶିକ୍ଷକ ବସନ୍ତ କୁମାର ଦତ୍ତ ସିଭି ରମଣଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏମ୍‌କେସି. ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଅମିତାଭ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପ୍ରଧାନ ଶିକ୍ଷକ ଦିଲ୍ଲୀପ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ତପନ କୁମାର ବାରିକ, ମନୋଜ ପରିଡ଼ା, ଅଜିତ ମହାନ୍ତି, ଦିଲ୍ଲୀପ ଚକ୍ରବର୍ତ୍ତୀ, ସଞ୍ଜୟ କଲିଆ ଓ ବିଶ୍ୱମିତ୍ରା ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଆୟୋଜିତ କୁଇଜ ପ୍ରତିଯୋଗିତାର ବରିଷ୍ଠ ବିଭାଗରେ ଉଦଳା ହାଇସ୍କୁଲର ଅଭିନନ୍ଦନ ଦିକ୍ଷୀତ ପ୍ରଥମ, ଓଏଭି ଟିକିଆ ଜିବି ନଗର ଓମପ୍ରକାଶ ମହାନ୍ତି ଦ୍ୱିତୀୟ ଓ ବିରେଶ୍ୱରପୁର ସରକାରୀ ହାଇସ୍କୁଲର କାମ୍ୟାଞ୍ଜନା ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି କନିଷ୍ଠ ବର୍ଗରେ ଓଏଭି ଶୁଳିଆପଦାର ଦିବ୍ୟାଂଶୁ ମହାନ୍ତ ପ୍ରଥମ, ଉଦଳା ଉଚ୍ଚ ବିଦ୍ୟାଳୟର ଶୁଭବ୍ରତ ନାୟକ ଦ୍ୱିତୀୟ, ଓଏଭି ମୋରଡାର ଜୟ ପ୍ରକାଶ ଧଳ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ଉଭୟ ବର୍ଗର ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀ ରାଜ୍ୟ ସ୍ତରରେ ହେବାକୁ ଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।




ବିଜ୍ଞାନ ଦିବସରେ ଉପସ୍ଥିତ ଅତିଥି ଓ କୃତୀ ଛାତ୍ରୀଛାତ୍ର।

### ପୋଖରୀରେ ବୁଡ଼ି ଯୁବକ ମୃତ

**ରୂପସା, ୧।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପସା ଥାନା ବାଖରାବାଦ ଗ୍ରାମର ଯୁବକ ଲକ୍ଷ୍ମଣ ବର (୪୮) ମଙ୍ଗଳବାର ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ବୁଧଖଣ୍ଡି ମହାଦେବ ପୋଖରୀରେ ଦଳ କାଢୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ପୋଖରୀରୁ ଉଦ୍ଧାର କରି ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଲକ୍ଷ୍ମଣ ପର ଘରେ ମଜୁରୀ ଲାଗି ପରିବାର ଚଳାଉଥିଲେ। ତାଙ୍କର ଜଣେ ପୁଅ, ଝିଅ ଓ ପତ୍ନୀ ଅଛନ୍ତି।

## ସଂକ୍ଷେପରେ

### ବାସୁଦେବପୁରରେ ମ୍ୟାଜିକ ନମ୍ବର ଛୁଇଁଲା ବିଜେଡି

ବାସୁଦେବପୁର, ୧।୩(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ୩୬ ପଞ୍ଚାୟତର ନିର୍ବାଚନ ଫଳାଫଳ ଘୋଷିତ ହେବା ପରେ ବିଜେଡ଼ି ମହଲରେ ଅଧିକ ଖୁସିର ଲହରୀ ଖେଳିଯାଇଛି। ବ୍ଲକ ଅଧକ୍ଷ ପଦବୀ ଦଖଲ ପାଇଁ ମୋଟ ୧୯ ସମିତିସଭ୍ୟ ଆବଶ୍ୟକତା ଥିବା ବେଳେ ଏହି ମ୍ୟାଜିକ ନମ୍ବର ଛୁଇଁବାରେ ବିଜେଡ଼ି ସଫଳ ହୋଇଛି। ୨୦ ଓ ୨୧ ନଂ. ଜୋନ୍‌ରେ ଆସୁଥିବା ପଞ୍ଚାୟତଗୁଡ଼ିକ ମଧ୍ୟରୁ ବିଜେଡ଼ି ସମର୍ଥିତ ପ୍ରାର୍ଥୀଙ୍କୁ ଅଧିକ ସଫଳତା ମିଳିଛି। ସେହିପରି କଂଗ୍ରେସ ମ୍ୟାଜିକ ନମ୍ବର ଛୁଇଁବାରେ ଦୁଇପାଦ ପଛରେ ରହିଯାଇଛି। ସେହିପରି ସରପଞ୍ଚ ପଦବୀ କ୍ଷେତ୍ରରେ ବିଜେଡ଼ିକୁ ସଫଳତା ମିଳିଛି। ୨ ପଞ୍ଚାୟତରେ ଭାଜପା ସମର୍ଥିତ ସରପଞ୍ଚ ପଦବୀ ମଧ ବିଜୟୀ ହୋଇଥିବାରୁ ଭାଜପା ମଧ ଚଳଚଞ୍ଚଳ ହୋଇଉଠିଛି। ବିଭିନ୍ନ ପଞ୍ଚାୟତରେ ବିଜୟୀ ପ୍ରାର୍ଥୀମାନେ ଶୋଭାଯାତ୍ରା କରି ବିଜୟ ଉତ୍ସବ ପାଳନ କରିଛନ୍ତି।

### ଝୁଲନ୍ତା ଅବସ୍ଥାରେ ଛାତ୍ରଙ୍କ ମୃତଦେହ ଜବତ

ଭଦ୍ରକ ଅଫିସ, ୧।୩: ଭଦ୍ରକର ଏକ ଘରୋଇ ମେସରୁ ଝୁଲନ୍ତା ଅବସ୍ଥାରେ ଜଣେ ଛାତ୍ରଙ୍କ ମୃତଦେହ ଜବତ ହୋଇଛି। ମୃତ ଛାତ୍ର ଜଣକ ହେଲେ ଧୂଷୁରୀ ଥାନା ଅନ୍ତର୍ଗତ ପଙ୍ଗଟା ଅଞ୍ଚଳର ନରେନ୍ଦ୍ର ମହାଳିକ। ପରିବାର ଲୋକ ଏନେଇ ଭଦ୍ରକ ଟାଉନ ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ନରେନ୍ଦ୍ର ଭଦ୍ରକ ଜୁନିୟର କଲେଜ ଯୁକ୍ତ ୨ ବିଜ୍ଞାନରେ ପାଠ ପଢୁଥିଲେ। ସ୍ଥାନୀୟ ଜଗନ୍ନାଥପୁର ଠାରେ ଏକ ଘରୋଇ ଶିକ୍ଷାନୁଷ୍ଠାନରେ କୋଚିଂ ନେବା ସହ ଉକ୍ତ ମେସରେ ରହି ପାଠ ପଢୁଥିଲେ। ସୋମବାର ରାତିରେ ନରେନ୍ଦ୍ର ବାପାଙ୍କ ସହ ଫୋନ ଯୋଗେ କଥା ହୋଇଥିଲେ। କିନ୍ତୁ ମଙ୍ଗଳବାର ନରେନ୍ଦ୍ରଙ୍କୁ ଜ୍ୱର ହୋଇଥିବା ମେସର ୱାର୍ଡେନ ଅଭିଭାବକଙ୍କୁ ଜଣାଇଥିଲେ। ପରିବାର ଲୋକ ଭଦ୍ରକ ଆସି ମେସରେ ପହଞ୍ଚି ପୁଅକୁ ଝୁଲନ୍ତା ଅବସ୍ଥାରେ ଦେଖିଥିଲେ। ଟାଉନ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ଆମ ପୁଅକୁ କେହି ମାରିଦେଇ ଟାଙ୍ଗି ଦେଇଥିବା ନେଇ ମୃତକଙ୍କ ବାପା କରୁଣାକର ମହାଳିକ ଅଭିଯୋଗ କରିଛନ୍ତି। ହତ୍ୟା କି ଆତ୍ମହତ୍ୟା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ଉମାଶଙ୍କର ନାୟକ ସୂଚନା ଦେଇଛନ୍ତି।

### 'କଥା ତ ରହିଲା ବାକି' ଲୋକାର୍ପିତ

ବାଲେଶ୍ୱର ଅଫିସ, ୧।୩: ବାଲେଶ୍ୱର ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ କଲ୍ୟାଣୀ ନନ୍ଦଙ୍କ ରଚିତ କବିତା ସଂକଳନ 'କଥା ତ ରହିଲା ବାକି' ଲୋକାର୍ପିତ ହୋଇଯାଇଛି। ପରିଷଦ ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଅଧକ୍ଷତା କରିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ମଣୀନ୍ଦ୍ର କୁମାର ମେହେର ପୁସ୍ତକକୁ ଉନ୍ମୋଚନ କରି ଶାନ୍ତିକାନନ ଭଳି ପୁଣ୍ୟଭୂମିରେ କବୟିତ୍ରୀ ତାଙ୍କର ଗୀତିକବିତା ମାଧ୍ୟମରେ ଶାନ୍ତିର ବାର୍ତ୍ତା ପ୍ରଦାନ କରିଛନ୍ତି। 'ଅକ୍ଷାଂଶ'ର ସମ୍ପାଦକ ଡ. ହରିଶ୍ଚନ୍ଦ୍ର ବେହେରା ଓ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ. ସନ୍ତୋଷ କୁମାର ନାୟକ ପୁସ୍ତକକୁ ଆଲୋଚନା କରିବା ପରିପ୍ରେକ୍ଷୀରେ କବୟିତ୍ରୀଙ୍କର ସାରସ୍ୱତ ଉତ୍ତରଣ କାମନା କରିଥିଲେ। ସମ୍ପାଦକ ଦୀପକ ବୋଷ ପ୍ରାକ୍ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ କଲ୍ୟାଣୀ ନନ୍ଦ ଲେଖକୀୟ ଅଭିବ୍ୟକ୍ତି ରଖିଥିଲେ। ଲେଖିକାଙ୍କ ଦୁଇଟି ଗୀତିକବିତାକୁ କଣ୍ଠଶିଳ୍ପୀ ଅମୃତାଂଶୁ ପଟ୍ଟନାୟକ ପରିବେଷଣ କରିଥିଲେ। ଯଶୋଫ୍ ସିଂ ତାଙ୍କୁ ତବଲାରେ ସହଯୋଗ କରିଥିଲେ। ଯୁଗ୍ମ ସମ୍ପାଦକ ଡ. ସାରଙ୍ଗଧର ତ୍ରିପାଠୀ ମଞ୍ଚ ଆବାହନ କରିଥିଲେ। ଶେଷରେ ମନ୍ମଥ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଘର ସହ ଜଳିଗଲା ବାଇକ

ଲଙ୍ଗଳେଶ୍ୱର, ୧।୩(ଡି.ଏନ.ଏ.): ସିଂଲା ଥାନା ଅଧୀନ ଲଙ୍ଗଳେଶ୍ୱର ଗ୍ରାମର କାର୍ତ୍ତିକ ପ୍ରମାଣିକଙ୍କ ଘରେ ନିଆଁ ଲାଗି ଘର ଭିତରେ ଥିବା ବାଇକ, ସାଇକେଲ ଏବଂ ବିଭିନ୍ନ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଶିବରାତ୍ରି ଉପଲକ୍ଷେ କାର୍ତ୍ତିକଙ୍କ ଘରର ସମସ୍ତ ସଦସ୍ୟ ଲଙ୍ଗଳେଶ୍ୱର ମନ୍ଦିରକୁ ଜାଗର ଦୀପ ଜାଳିବା ପାଇଁ ଯାଇଥିଲେ। ହଠାତ୍ ଘରେ ନିଆଁ ଲାଗିଯିବା ସହ ବାଇକ୍‌ରେ ନିଆଁ ଲାଗି ଟାଙ୍କି ଫାଟିଯିବା ସହ ପୋଡ଼ିଯାଇଥିଲା। ପଡୋଶୀ ନିଆଁକୁ ଆୟତ୍ତ କରିଥିଲେ।

# ସୁଷମାଙ୍କ ହ୍ୟାଟ୍ରିକ, ସଂଘର୍ଷରେ ମାନସ ବିଜୟୀ

ଖଇରା, ୧।୩(ଡି.ଏନ.ଏ.)


ସୁଷମା।


ମାନସ

ବାଲେଶ୍ୱର ଜିଲା ଖଇରା ବ୍ଲକର ୬ନଂ. ଗର୍ସଙ୍ଗ ଜୋନ ଓ ୫ନଂ. ତୁଡିଗଡିଆ ଜିଲାପରିଷଦ ଜୋନ ବିଜେଡି ସପକ୍ଷରେ ଯାଇଛି। ୬ନଂ. ଜୋନର ବିଜେଡି ପ୍ରାର୍ଥିନୀ ସୁଷମା ମହାପାତ୍ର ତାଙ୍କର ନିକଟତମ ପ୍ରାର୍ଥିନୀ ଭାଜପାର ମିନାକ୍ଷୀ ମହାପାତ୍ରଙ୍କ ନିକଟରୁ ୧ହଜାର ୫୭୨ଖଣ୍ଡ ଅଧିକ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ସୁଷମା ୧୩ହଜାର ୧୮୪ଖଣ୍ଡ ଭୋଟ ପାଇଥିବା ବେଳେ ମିନାକ୍ଷୀ ୧୧ହଜାର ୬୧୨ଖଣ୍ଡ ଓ କଂଗ୍ରେସ ପ୍ରାର୍ଥୀ ବୀଣାପାଣି ଶୁକ୍ଳ ୧ହଜାର ୭୭୬ଖଣ୍ଡ ଭୋଟ ପାଇଛନ୍ତି। ୫୫୮ଖଣ୍ଡ ନାକଚ ହୋଇଛି। ତୃତୀୟ ଥର ପାଇଁ ଆସନ ହାତେଇ ସୁଷମା ହ୍ୟାଟ୍ରିକ ବିଜୟର ସ୍ୱାଦ ଚାଖିଛନ୍ତି। ସେହିଭଳି ୫ନଂ. ଜୋନରେ କଡା ସଂଘର୍ଷ ପରେ ଭାଜପାର ରାଜେଶ ମହାକୁଡ ବିଜେଡିର ମାନସ କୁମାର ଦାଶଙ୍କ ନିକଟରୁ ୪୮୭ଖଣ୍ଡ ଭୋଟରେ ପରାସ୍ତ ହୋଇଛନ୍ତି। ମାନସ ୧୩ହଜାର ୭୯୭ଖଣ୍ଡ, ରାଜେଶ ୧୩ହଜାର ୩୧୦ଖଣ୍ଡ ଓ କଂଗ୍ରେସର ବସନ୍ତ ଦତ୍ତ ୪୫୩ ଖଣ୍ଡ ଭୋଟ ପାଇଛନ୍ତି। ପ୍ରଥମ ରାଉଣ୍ଡରୁ ଶେଷ ରାଉଣ୍ଡ ପର୍ଯ୍ୟନ୍ତ ଗଣତି ପର୍ଯ୍ୟନ୍ତ ଉଭୟ ଆଗପଛ ହୋଇ ଚାଲିଥିବାରୁ କିଏ ବିଜୟୀ ହେବ ସେନେଇ ଫଳାଫଳ ଜାଣିବାକୁ ଗଣନା କେନ୍ଦ୍ର ବାହାରେ ଅପେକ୍ଷା କରିଥିବା ସାଧାରଣ ଜନତା ଉତ୍ସକତାର ସହ ଅପେକ୍ଷା କରି ରହିଥିଲେ। ମାଖନପୁର ପଞ୍ଚାୟତର ୧୧, ୧୨ ଓ ୧୩ନମ୍ବର ବୁଥର ଫଳଫଳ ମାନସଙ୍କ ପାଇଁ ଲକି ସାବ୍ୟସ୍ତ ହେଲା ବୋଲି କୁହାଯାଉଛି। ସେପଟେ ୬ନଂ.ରେ ଗର୍ସଙ୍ଗ, ଅନ୍ତରା, ମାଣିତ୍ରୀ, ପଞ୍ଚାୟତର ଉଭୟ ସରପଞ୍ଚ ଓ ସମିତିସଭ୍ୟ ପଦବୀ, ରପେୟାର ସରପଞ୍ଚ ପଦବୀରେ ବିଜେଡି ସମର୍ଥିତ ପ୍ରାର୍ଥୀ ଏବଂ ସାରଡାଙ୍ଗ, ଝିଙ୍କିରିଆ, ବଡଜୟୀପୁରର ଉଭୟ ସରପଞ୍ଚ ଓ ସମିତିସଭ୍ୟ ପଦବୀରେ ଭାଜପା ସମର୍ଥିତ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ରପେୟା ସମିତିସଭ୍ୟ ପଦବୀରେ ଅସନ୍ତୁଷ୍ଟ ବିଜେଡି ଓ ବରଦା ସରପଞ୍ଚ ପଦବୀରେ ଭାଜପା ମଣ୍ଡଳ ସଭାପତି ପରୀକ୍ଷିତ ମହାପାତ୍ର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ୫ନଂ. ଜୋନର ନନ୍ଦୁର, ଶ୍ୟାମସୁନ୍ଦରପୁର, ମାଖନପୁର, ଗଗନଧୂଳି, ଜଳଦା ପଞ୍ଚାୟତର ୨ଟି ଯାକ, ଡଗରପଡାର ସରପଞ୍ଚ ପଦବୀ ବିଜେଡି ସମର୍ଥିତ ପ୍ରାର୍ଥୀ ହାତେଇଥିବା ବେଳେ ଡାଲଙ୍ଗ, ଅଚ୍ୟୁତପୁର, କୁରୁଣ୍ଟାର ଉଭୟ ପଦବୀ ଏବଂ ଡଗରପଡା ସମିତିସଭ୍ୟ ପଦବୀ ଭାଜପା ସମର୍ଥିତ ପ୍ରାର୍ଥୀ ହାତେଇଛନ୍ତି। ଚଳିତ ପରାଜିତ ହେଭିୱେଟଙ୍କ ମଧ୍ୟରେ ବିଷ୍ଣୁପଦ ଘଡେଇ, ବ୍ରଜକିଶୋର ମହାନ୍ତି, ରାଜେନ୍ଦ୍ର କୁମାର ଜେନା, ମାନସ କୁମାର ମହାପାତ୍ର, ଜୟନ୍ତ କୁମାର ରାଉତ, ଜୟନ୍ତୀ ମହଲା, ସୁଶାନ୍ତ କୁମାର ମହାକୁଡଙ୍କ ନାମ ରହିଛି। ସେହିଭଳି ବିଭିନ୍ନ ଦଳରୁ ନିର୍ବାଚିତ ଚର୍ଚ୍ଚିତ ଚେହେରା ହେଲେ ରମାକାନ୍ତ ମହାନ୍ତି, ଅଭିଲିପ୍ସା ସାହୁ, ଛବିଲତା ମହାପାତ୍ର, ଗଜେନ୍ଦ୍ର ପ୍ରସାଦ ଦାସ ଓ ଜୟନ୍ତୀ ପତି। ଚଳିତବର୍ଷ ବିଜେଡିର ସଫଳତା ହାର କମ ପାଇଁ ବିଜେଡିର ଅନ୍ତର୍ଦ୍ୱନ୍ଦ୍ୱ ଓ ଅନ୍ତର୍ଘାତୀ କାର୍ଯ୍ୟ ଦାୟୀ ବୋଲି ଆଲୋଚନା ଚାଲିଛି।

# ବିଜୟ ଉତ୍ସବ ପାଳିଲେ ମନ୍ତ୍ରୀ


ନିର୍ବାଚିତ ପ୍ରତିନିଧିଙ୍କ ସହ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ।

ଖଇରା, ୧।୩(ଡି.ଏନ.ଏ.)

ଚଳିତ ପଞ୍ଚାୟତ ନିର୍ବାଚନରେ ସିମୁଳିଆ ନିର୍ବାଚନମଣ୍ଡଳୀରେ ବିଜେଡି ଚମତ୍କାରିତା ଦେଖାଇ ୭ଆସନ ମଧ୍ୟରୁ ୫ଟି ଅକ୍ତିଆର କରିଛି। ୩ଦିନ ଧରି ଫଳାଫଳ ଘୋଷଣା ପରେ ବିଜେଡିର ବିଜୟୀ ଜିଲା ପରିଷଦ ଓ ବିଜେଡି ସମର୍ଥିତ ସରପଞ୍ଚ, ସମିତିସଭ୍ୟ ପ୍ରାର୍ଥୀଙ୍କ ଗହଣରେ ପର୍ଯ୍ୟଟନ ସଂସ୍କୃତିମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ ବିଜୟୀ ଉତ୍ସବ ପାଳନ କରିଛନ୍ତି। ଖଇରାଠାରେ ଅନୁଷ୍ଠିତ ଉତ୍ସବରେ ବିଭିନ୍ନ ଜୋନରୁ ନିର୍ବାଚିତ ହୋଇଥିବା ରଶ୍ମିତା ମହାପାତ୍ର, ମାନସ ଦାଶ, ସୁଷମା ମହାପାତ୍ର, ଉମାକାନ୍ତ ମହାରଣା, ଖଇରା ପଞ୍ଚାୟତରୁ ସରପଞ୍ଚ ଓ ସମିତିସଭ୍ୟା ଭାବେ ଜିତିଥିବା ମାଳତୀ ସେଠୀ ଓ ନର୍ମଦା ଦେଓ ପ୍ରମୁଖ ଉପସ୍ଥିତ ଥିଲେ। ନିର୍ବାଚିତ ପ୍ରତିନିଧିମାନଙ୍କୁ ନେଇ ପୁଣି ଥରେ ଖଇରା ସିମୁଳିଆରେ ଉନ୍ନତିମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ ବୋଲି ମନ୍ତ୍ରୀ କହିଛନ୍ତି।

# ଆଶାୟୀଙ୍କ ସଂଖ୍ୟା ବଢୁଛି

ବାରିପଦା ଅଫିସ, ୧।୩

**୧୩ରେ ମୟୂରଭଞ୍ଜ ଜିଲା ପରିଷଦ ସଭାପତି ନିର୍ବାଚନ**

ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଭୋଟ ଗଣତି ଶେଷ ହେବା ପରେ ମୟୂରଭଞ୍ଜ ଜିଲା ପରିଷଦ ଗଠନକୁ ନେଇ ଚର୍ଚ୍ଚା ଜୋର ଧାରିଲାଣି। ଏହି ଜିଲାରେ ବିଜେଡି ଏକ ତରଫା ବିଜୟ ହାସଲ କରିଛି। ମୋଟ ୫୬ ଆସନ ମଧ୍ୟରୁ ୫୩ଟି ହାତେଇ ପରିଷଦ ଗଠନ କରିବାକୁ ଯାଉଛି। ତେବେ ପରିଷଦର ସଭାପତି ପଦରେ କାହାକୁ ବସାଯିବ ସେଥିନେଇ ଦଳ ପକ୍ଷରୁ ମାନସମନ୍ଥନ ଚାଲିଛି। ଏଥିନେଇ ନିର୍ବାଚିତ ପ୍ରତିନିଧି ଓ କର୍ମକର୍ତ୍ତାଙ୍କ ମଧ୍ୟରେ କଳ୍ପନାଜଳ୍ପନା ଲାଗିରହିଥିବା ବେଳେ ଦଳରେ ଆଶାୟୀଙ୍କ ସଂଖ୍ୟା ବୃଦ୍ଧି ପାଇଛି।

ମୟୂରଭଞ୍ଜ ଜିଲା ପରିଷଦ ସଭାପତି ଆସନ ଅନୁସୂଚୀତ ଜନଜାତିଙ୍କ ପାଇଁ ସଂରକ୍ଷିତ ରହିଛି। ଆସନ୍ତା ୧୩ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ହାସଲ ଦଳକୁ ବେଶ ଉତ୍ସାହିତ କରିଛି। ଜିଲାର ପୂର୍ବ ଓ ପଶ୍ଚିମ ସାଙ୍ଗଠନିକ ଶିବିରରେ ଦଳ ପକ୍ଷରୁ ଅଙ୍କକଷା ଆରମ୍ଭ ହୋଇଛି। ତେବେ ଜିଲା ପରିଷଦ ସଭାପତି କିଏ ହେବ ସେ ନେଇ ଦଳର ନିର୍ବାଚିତ ପ୍ରତିନିଧି ଓ କର୍ମକର୍ତ୍ତାଙ୍କ ମଧ୍ୟରେ କଳ୍ପନାଜଳ୍ପନା ଲାଗିରହିଛି। ହାଇକମାଣ୍ଡଙ୍କ ନିର୍ଦ୍ଦେଶ କ୍ରମେ ଦଳ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇ ସଭାପତି ବଛାଯିବ। ଅନ୍ୟ ଦଳର ସଂଖ୍ୟା ଗରିଷ୍ଠତା ନ ଥିବାରୁ ସଭାପତି ନିର୍ବାଚନରେ ପ୍ରତିଦ୍ୱନ୍ଦିତା ନ ହୋଇ ସର୍ବସମ୍ମତି କ୍ରମେ ଜଣଙ୍କୁ ଚୟନ କରାଯିବ ବୋଲି ଆଲୋଚନା ଚାଲିଛି। ଏଥର ଜିଲାର ୩୨ଜଣ ଏସ୍‌ଟି ପ୍ରାର୍ଥୀ ନିର୍ବାଚିତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ କାହାକୁ ସଭାପତି ଚୟନ କରାଯିବ ସେଥି ନେଇ ଗୋଟିଚାଳଣା ଚାଲିଛି। ସେହିପରି ଦଳର ଅନେକ ପ୍ରାର୍ଥୀ ହ୍ୟାଟ୍ରିକ ବିଜୟ ହାସଲ କରିଥିବା ବେଳେ ବହୁ ପ୍ରାର୍ଥୀ ବିପୁଳ ସଂଖ୍ୟାରେ ବିଜୟ ଲାଭ କରିଛନ୍ତି। ତେଣୁ ଅଭିଜ୍ଞ ଓ ଶିକ୍ଷିତ ଯୁବପିଢୀଙ୍କୁ ସଭାପତି କରାଯିବା ବୋଲି ଚର୍ଚ୍ଚା ହେଉଛି। ଅନ୍ୟ ପକ୍ଷରେ ଦଳର ନେତୃବୃନ୍ଦଙ୍କ ନିଷ୍ପତ୍ତି ଉପରେ ଗୁରୁତ୍ୱ ଦିଆଯିବ ବୋଲି କେତେକ ବିଜେଡି କର୍ମକର୍ତ୍ତା କହିଛନ୍ତି। ତେବେ ଠିକ୍ ପ୍ରାର୍ଥୀ ଚୟନ କରା ନ ଗଲେ ପୁନର୍ବାର ଦଳରେ କନ୍ଦଳ ଉପୁଜିବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ଆଲୋଚନା ହେଉଛି। ଉଲ୍ଲେଖଯୋଗ୍ୟ, ଚଳିତ ନିର୍ବାଚନରେ ଜେଏମ୍‌ଏମ୍ ୩ଟି ଜିଲା ପରିଷଦ ଆସନ ଦଖଲ କରିଥିବା ବେଳେ ଭାଜପା ଓ କଂଗ୍ରେସ ଖାତା ଖୋଲିପାରି ନାହାନ୍ତି।

# ଖବରଦାତା ହେଲେ ସରପଞ୍ଚ

ବନ୍ତ, ୧।୩(ଡି.ଏନ୍.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକ ୧୫ନଂ.ଜୋନ ଅଧିନ ଟିଲୋ ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ଭାବେ ଖବରଦାତା ତଥା ଆଇନଜୀବୀ ସଂଗ୍ରାମ କେଶରୀ ଜେନା ୨୫୦ ଖଣ୍ଡ ଅଧିକ ଭୋଟରେ ବିଜୟୀ ହୋଇଛନ୍ତି। ଉଚ୍ଚ ଶିକ୍ଷିତ ସଂଗ୍ରାମ ଦୀର୍ଘ ୨୦ ବର୍ଷ ଧରି ସାମ୍ବାଦିକତା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛନ୍ତି। ଏଥିସହିତ ସେ ଆଇନଜୀବୀ ଭାବେ ପ୍ରତିଷ୍ଠିତ ହୋଇପାରିଛନ୍ତି। ବହୁ ସମୟରେ ସେ ସାଧାରଣ ଲୋକଙ୍କ ସମସ୍ୟା ସହିତ ଜଡିତ ରହିଆସିଛନ୍ତି। ଆଜି ସେ ସିଧାସଳଖ ସାଧାରଣଲୋକଙ୍କ ସେବା କରିବା ପାଇଁ ଆଗେଇ ଆସିଛନ୍ତି। ଉକ୍ତ ପଞ୍ଚାୟତର ସାଧାରଣଲୋକଙ୍କ ସମସ୍ୟା ଓ ବିକାଶମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱ ଦେବେ ବୋଲି ସେ କହିଛନ୍ତି।

# ଖବରଦାତା ହେଲେ ସମିତିସଭ୍ୟ

ବାରିପଦା ଅଫିସ, ୧।୩


କାଞ୍ଚନ କୁମାର ପ୍ରଧାନ।

ଦୀର୍ଘ ବର୍ଷ ଧରି ଜନସାଧାରଣଙ୍କୁ ସେବା ଯୋଗାଇବା ସହ ଅଞ୍ଚଳର ସମସ୍ୟାକୁ ଗୁରୁତ୍ୱ ଦେଇ ଆସୁଥିବା ଜନୈକ ଖବରଦାତାଙ୍କୁ ଜନସମର୍ଥନ ମିଳିଛି। ସେ ହେଲେ ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ସୁହାଗପୁର ପଞ୍ଚାୟତର ନବ ନିର୍ବାଚିତ ସମିତିସଭ୍ୟ କାଞ୍ଚନ କୁମାର ପ୍ରଧାନ। ଉକ୍ତ ପଞ୍ଚାୟତରେ କାଞ୍ଚନଙ୍କୁ ମିଶାଇ ମୋଟ ୬ଜଣ ସମିତିସଭ୍ୟ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। କେତେଜଣ ପ୍ରାର୍ଥୀ ଭୋଟ ହାତେଇବା ପାଇଁ ଭୋଟରଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇବା ସହିତ ଆକର୍ଷଣୀୟ ଉପହାର ଦେଇଥିଲେ। ମାତ୍ର କାଞ୍ଚନ ଅଞ୍ଚଳବାସୀଙ୍କ ଦୁଃଖସୁଖର ସାଥି ହୋଇ ସେବା ଯୋଗାଇ ଆସିଥିବାରୁ ଜନତା ଜନାର୍ଦ୍ଦନ ୫ବର୍ଷ ପାଇଁ ତାଙ୍କୁ ନେତା ବାଛିଛନ୍ତି। ସେ ସୁହାଗପୁର ପଞ୍ଚାୟତର ୮ଟି ୱାର୍ଡରୁ ମୋଟ ୮୩୬ଖଣ୍ଡ ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଶ୍ରୀକାନ୍ତ ଦାସଙ୍କୁ ୬୭୩ ଖଣ୍ଡ ଭୋଟ ମିଳିଥିଲା। ୧୬୩ଟି ଭୋଟ ଅଧିକ ପାଇ କାଞ୍ଚନ ସମିତିସଭ୍ୟ ନିର୍ବାଚିତ ହୋଇଥିବାରୁ ପଞ୍ଚାୟତବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଶେଷ ପର୍ଯ୍ୟାୟରେ ୪ ଜୋନ୍ ହାତେଇଲା ବିଜେଡି

ବାରିପଦା ଅଫିସ, ୧।୩

ମୟୂରଭଞ୍ଜ ଜିଲାରେ ହୋଇଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଶେଷ ପର୍ଯ୍ୟାୟ ଗଣତିରେ ୪ଟି ଜୋନ୍ ହାତେଇଛି ବିଜେଡି। ବଡ଼ସାହି ବ୍ଲକ ୨୪ନଂ.ଜୋନରେ ଜଗନ୍ନାଥ ମଲ୍ଲିକ, ବେତନଟୀ ୩୭ନଂ. ଜୋନ୍‌ରେ ଧାନୀ କିସ୍କୁ, ମୋରଡ଼ା ୪୦ନଂ. ଜୋନରେ ମୀନାକ୍ଷୀ ସୋରେନ ଓ କପ୍ତିପଦା ବ୍ଲକ ୫ନଂ. ଜୋନରେ ବିପିନ ସିଂ ବଦ୍ରା ପ୍ରମୁଖ ବିଜେଡି ପ୍ରାର୍ଥୀମାନେ ନିର୍ବାଚିତ ହୋଇଥିବା ଘୋଷଣା କରାଯାଇଛି।

# ଗୋଟିଏ ଭୋଟରେ ହାର୍‌ଜିତକୁ ନେଇ ଉତ୍ତେଜନା

ଚାନ୍ଦବାଲି, ୧।୩(ଡି.ଏନ.ଏ.)



ପଞ୍ଚାୟତବାସୀଙ୍କ ପକ୍ଷରୁ ଧାରଣା ଦିଆଯାଇଛି।

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଭୋଟ ଗଣତି କେନ୍ଦ୍ର ସମ୍ମୁଖରେ ନୂଆଗାଁ ପଞ୍ଚାୟତବାସୀଙ୍କ ପକ୍ଷରୁ ଧାରଣା ଦିଆଯାଇଛି। ଖଣ୍ଡିଏ ଭୋଟରେ ଚଞ୍ଚକତା କରି ବିଜୟୀ ସରପଞ୍ଚ ପାର୍ଥୀଙ୍କୁ ପରାଜିତ ଘୋଷଣା କରାଯାଇଛି ବୋଲି ଅଭିଯୋଗ କରି ପଞ୍ଚାୟତବାସୀ ଉତ୍ତେଜନା କରିବାସହ ରିକାଉଣ୍ଟ କରିବାକୁ ଦାବି କରିଛନ୍ତି। ଭୋଟ ଗଣତି କେନ୍ଦ୍ରରେ ପୋଲିଂ ଏଜେଣ୍ଟ ମାନେ ସ୍ୱର ଉଠାଇଥିଲେ ମଧ ତଥା ନିର୍ବାଚନ ଅଧିକାରୀ ପୋଲିଂ ଏଜେଣ୍ଟ କଥା ଶୁଣି ନ ଥିଲେ। ଗ୍ରାମବାସୀ ସୁବାସ ମଲ୍ଲିକ କୁହନ୍ତି ଆମର ଭୋଟ ଦୁଇଜଣଙ୍କର ସମାନ ଥିବା ବେଳେ ଶାସକ ଦଳ ଚାପରେ ପଡ଼ି ଶାସକ ଦଳ ସମର୍ଥିତ ପ୍ରାର୍ଥୀଙ୍କୁ ବିଜୟୀ କରାଯାଇଛି। ଏନେଇ ନିର୍ବାଚନ କମିଶନରଙ୍କୁ ଭେଟିବା ସହ ଆଇନର ଆଶ୍ରୟ ନେବୁ।

# କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଜଳେଶ୍ୱର, ୧।୩(ଡି.ଏନ୍.ଏ.)


କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକର ଉପାନ୍ତ ନଛିମପୁର ଗ୍ରାମର ସାବିତ୍ରୀ ଗିରି ୨୦୨୦ରେ ଯୁକ୍ତ ୨ ବାଣିଜ୍ୟ ପରୀକ୍ଷାରେ ବାଲେଶ୍ୱର ଜିଲାରୁ ସର୍ବାଧିକ ନମ୍ବର ରଖିଥିବାରୁ ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରବିବାର ଗାନ୍ଧିସ୍ମୃତି ଭବନରେ ଅନୁଷ୍ଠିତ ସମାରୋହରେ ସଂଘ ପକ୍ଷରୁ ତାଙ୍କୁ ନଗଦ ଅର୍ଥ, ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ଓ ଆର୍ନ୍ତଜାତୀକ ଓଡିଶୀ ନୃତ୍ୟଶିଳ୍ପୀ ସୁଜାତା ମହାପାତ୍ର, ଅନୁଷ୍ଠାନ ସମ୍ପାଦକ ବନମାଳୀ ନାୟକ, ସଭାପତି ଧୀରେନ୍ଦ୍ର ନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଗାଳ୍ପିକ ଗଙ୍ଗାଧର, ବ୍ୟଙ୍ଗ କଥାକାର ଅଞ୍ଜନଙ୍କୁ ସାହିତ୍ୟ ସମ୍ମାନ

ବାଲେଶ୍ୱର ଅଫିସ, ୧।୩


ଗାଳ୍ପିକ ଗଙ୍ଗାଧର ବିଶ୍ୱାଳ ଓ ବ୍ୟଙ୍ଗ କଥାକାର ଅଞ୍ଜନ ଚାନ୍ଦ

ବାଲେଶ୍ୱରର ସାହିତ୍ୟ ଅନୁଷ୍ଠାନ 'ପ୍ରଜାପତି' ପକ୍ଷରୁ ଚଳିତବର୍ଷ ଗଳ୍ପ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ଗାଳ୍ପିକ ଗଙ୍ଗାଧର ବିଶ୍ୱାଳଙ୍କୁ 'ବାଲେଶ୍ୱର ସାହିତ୍ୟ ସମ୍ମାନ' ଓ ବ୍ୟଙ୍ଗ କଥାକାର ଅଞ୍ଜନ ଚାନ୍ଦଙ୍କୁ 'ପ୍ରଜାପତି ସାହିତ୍ୟ ସମ୍ମାନ' ପ୍ରଦାନ କରାଯିବ। ଏହି ଦୁଇ ପ୍ରତିଭାବାନ ସଫଳ ସାରସ୍ୱତ ସ୍ରଷ୍ଟାଙ୍କୁ ଏପ୍ରିଲରେ ହେବାକୁ ଥିବା ପାଠକ ସମାବେଶରେ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ ପ୍ରତିଷ୍ଠାତା କବି ପ୍ରଶାନ୍ତ ଦାସ ଜଣାଇଛନ୍ତି। ଗାଳ୍ପିକ ଗଙ୍ଗାଧର ବିଶ୍ୱାଳ ୧୫ଖଣ୍ଡରୁ ଅଧିକ ଗଳ୍ପ, ଉପନ୍ୟାସ ଓ କାବ୍ୟପୁସ୍ତକ ରଚନା କରିଥିବା ବେଳେ ବ୍ୟଙ୍ଗ କଥାକାର ଅଞ୍ଜନ ଚାନ୍ଦ ୫ ଖଣ୍ଡ ପୁସ୍ତକ ରଚନା କରି ପାଠକ ମହଲରେ ଆଦୃତ ହୋଇଛନ୍ତି।

**ନବୀନନିବାସ ଆଗରେ ଆତ୍ମାହୂତି ଉଦ୍ୟମ ଘଟଣା**

# ଚିକିତ୍ସାଧୀନ ଅବସ୍ଥାରେ ଯୁବକଙ୍କ ମୃତ୍ୟୁ

ସୋର, ୧।୩(ଡି.ଏନ.ଏ.)

ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର ଡିଆରଡିଓ ଅତିଥି ଭବନରେ କାମ କରୁଥିବା ସୋରର ଜଣେ ଯୁବକ ରବିବାର ରାତିରେ ଦେହରେ କିରୋସିନି ଢାଳି ନିଆଁ ଲଗାଇ ଆତ୍ମାହୂତି ଉଦ୍ୟମ କରିଥିଲେ। ସୋମବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ କ୍ୟାପିଟାଲ ହସ୍‌ପିଟାଲରେ ତାଙ୍କର ମୃତ୍ୟୁ ଘଟିଛି। ପରିବାର ଲୋକେ ସେଠାରେ ପହଞ୍ଚି ଶବ ବ୍ୟବଚ୍ଛେଦ କରିବା ପରେ ପୁରୀ ସ୍ୱର୍ଗଦ୍ୱାରରେ ସତ୍କାର କରିଛନ୍ତି। ମୃତକ ହେଲେ ସୋର ବ୍ଲକ ସରଶଂଖ ପଞ୍ଚାୟତ ବ୍ରାହ୍ମଣସାହି ଗ୍ରାମର ଜୟନ୍ତ କୁମାର ଜେନା(୩୧)।

# ଟୋକନ ମିଳିଲା କିନ୍ତୁ ମଣ୍ଡି ନେଲାନି ଧାନ

ଭଦ୍ରକ ଅଫିସ, ୧।୩

**ପ୍ରତିବାଦରେ ରାଜପଥ ଅବରୋଧ**

ଭଦ୍ରକ ସଦର ବ୍ଲକ ବହୁଦରଡ଼ା ଛକ ନିକଟରେ ମଙ୍ଗଳବାର ଉତ୍ତ୍ୟକ୍ତ ଚାଷୀଙ୍କ ଦ୍ୱାରା ସାମୟିକ ଭାବେ ଧାନ ରଖି ୧୬ ନଂ ଜାତୀୟ ରାଜପଥ ଅବରୋଧ ହୋଇଥିଲା। ଘଟଣା ସ୍ଥଳରେ ଗ୍ରାମାଞ୍ଚଳ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଚାଷୀଙ୍କୁ ବୁଝାଶୁଝା କରି ଅବରୋଧରୁ ହଟାଇଥିଲା। ଅଭିଯୋଗ ମୁତାବକ ମୋବାଇଲକୁ ଟୋକନ ନମ୍ବର ମେସେଜରେ ଆସିଛି। କିନ୍ତୁ ମଣ୍ଡିକୁ ଧାନ ନେଇ ଯିବା ବେଳେ ସମବାୟ ସମିତି କହୁଛି ଟାର୍ଗେଟ ନାହିଁ। ଟୋକନର ଅବଧି ମଧ୍ୟରେ ଧାନ ବିକ୍ରି ନ ହେବାରୁ ଚାଷୀମାନେ ୧୬ ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ।

# ଜଗାଇରେ ଶିବ ଜୟନ୍ତୀ

ବାଲିଆପାଳ, ୧।୩(ସ୍ୱ.ପ୍ର.)

ମହାଶିବରାତ୍ରି ଅବସରରେ ମଙ୍ଗଳବାର ବାଲିଆପାଳ ବ୍ଲକ ଅଧୀନ ଜଗାଇ ଗ୍ରାମରେ ଥିବା ଉପକେନ୍ଦ୍ର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ୮୪ତମ ଶିବ ଜୟନ୍ତୀ ପାଳିତ ହୋଇଛି। ବ୍ରହ୍ମାକୁମାରୀ ରମା ଭଉଣୀଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ପ୍ରଦୀପ କୁମାର ସାହୁ, ଖବରଦାତା ଅଜୟ କୁମାର ସାହୁ, ଗୋପାଳ ସାହୁ, ଡା. ସରୋଜିନୀ ପଣ୍ଡା, ଡା. କାର୍ତ୍ତିକ ଆଚାର୍ଯ୍ୟଙ୍କ ସହିତ ବ୍ରହ୍ମା କୁମାରୀ ଆରାଧନା ଭଉଣୀ, ବ୍ରହ୍ମାକୁମାର ଶ୍ରୀହରି ଭାଇ, ବ୍ରହ୍ମା କୁମାର ଦୀପକ ଭାଇ ପ୍ରମୁଖ ଯୋଗଦେଇ ମହାଶିବରାତ୍ରିରେ ଜାଗର ମହତ୍ତ୍ୱ ବିଷୟରେ ବର୍ଣ୍ଣନା କରିଥିଲେ। କେନ୍ଦ୍ର ମୁଖ୍ୟ ପରିଚାଳକ ବ୍ରହ୍ମାକୁମାର ସଚ୍ଚିନ୍ଦ୍ର ଭାଇ ପ୍ରତିବର୍ଷ ଶିବରାତ୍ରିରେ ପରମାତ୍ମାଙ୍କର ଈଶ୍ୱରୀୟ ସନ୍ଦେଶ ଓ ଆଧ୍ୟାତ୍ମିକ ରହସ୍ୟକୁ ଲୋକଙ୍କ ପାଖକୁ ପହଞ୍ଚାଇବା ପାଇଁ ଏହି କାର୍ଯ୍ୟକ୍ରମ କରିଆସୁଛନ୍ତି। ସାରା ବିଶ୍ୱ ସମ୍ପ୍ରତି ଆଣବିକ ଯୁଦ୍ଧ, ବର୍ଣ୍ଣ, ବୈଷମ୍ୟ, ଖାଦ୍ୟାଭାବ, କରୋନା ଆଦି ମାରାତ୍ମକ ରୋଗର ତାଡନା ଓ ସମାଜରେ ରହିଥିବା ଅନ୍ଧବିଶ୍ୱାସକୁ ଦୂରୀଭୂତ କରିବା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ଏହି ଅବସରରେ ଆଧ୍ୟାତ୍ମିକ ସତ୍‌ସଙ୍ଗ ସହିତ ପରମାତ୍ମାଙ୍କ ପଖରେ ରମା ଭଉଣୀ କେକ୍ ସମର୍ପଣ କରି କାଟିଥିଲେ। ଏଥିସହିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଆଧ୍ୟାତ୍ମିକ ଶିବ ପତାକା ଉତ୍ତୋଳନ କରାଯାଇଥିଲା।


ଶିବ ଜୟନ୍ତୀ ପାଳନ ଅବସରରେ ବ୍ରହ୍ମାକୁମାରୀ, ବ୍ରହ୍ମକୁମାର।

# ବିଜେଡି ଦଖଲରେ କେନ୍ଦୁଝର ଜିଲା ପରିଷଦ

କେନ୍ଦୁଝର, ୧।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ପୁଣି ଥରେ ବାଜିମାତ କରିଛି ବିଜେଡି। ମୋଟ ୩୭ ଜୋନ୍ ମଧ୍ୟରୁ ୩୩ଟି ହାତେଇ ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ହାସଲ କରିଛି। ଘଟଗାଁ ବ୍ଲକର ଜଣେ ପ୍ରାର୍ଥୀଙ୍କ ଦେହାନ୍ତ ହେବା ପରେ ୩୬ଟି ଜୋନ୍‌ରେ ନିର୍ବାଚନ ହୋଇଥିଲା। ୨୦୧୭ରେ ବିଜେଡି ୨୫ଟି ଜୋନ୍‌ରେ ଜିତିଥିଲା ବେଳେ ଭାଜପା ୬ଟି ଆସନ ହାସଲ କରିଥିଲା। ମାତ୍ର ଚଳିତ ନିର୍ବାଚନରେ ଭାଜପା ମାତ୍ର ୩ଟିରେ ବିଜୟୀ ହୋଇଛି। ଗତ ନିର୍ବାଚନରେ ପୂର୍ବତନ ବିଧାୟକ ସନାତନ ମହାକୁଡଙ୍କ ସମର୍ଥିତ ୬ ସ୍ୱାଧୀନ ପ୍ରାର୍ଥୀ ଜିତି ବିଜେଡିକୁ ସମର୍ଥନ କରିଥିଲେ। ଚଳିତ ବର୍ଷ ସନାତନ ବିଜେଡି ପ୍ରାର୍ଥୀଙ୍କ ପାଇଁ ପ୍ରଚାର ମଇଦାନକୁ ଓହ୍ଲାଇ ଦଳୀୟ ପ୍ରାର୍ଥୀଙ୍କ ବିଜୟକୁ ସହଜ କରିଦେଇଥିଲେ। ଜିଲାର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ମନ୍ତ୍ରୀ ତଥା ତେଲକୋଇ ବିଧାୟକ ପ୍ରେମାନନ୍ଦ ନାୟକ, ଘଷିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ପାଟଣା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଜଗନ୍ନାଥ ନାୟକ, ଚମ୍ପୁଆ ବିଧାୟକ ମୀନାକ୍ଷୀ ମହାନ୍ତ, ଆନନ୍ଦପୁର ବିଧାୟକ ଭାଗିରଥୀ ସେଠୀ ପ୍ରମୁଖ ଜୋର ଲଗାଇଦେଇଥିଲେ। ସେହିପରି ବିଜେଡିର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତଥା ଜିଲା ପ୍ରଭାରୀ ବିଧାୟକ ପ୍ରଣବ ପ୍ରକାଶ ଦାସ ମଧ ଏହି ନିର୍ବାଚନର ତଦାରଖ କରୁଥିଲେ। ସମଗ୍ର ରାଜ୍ୟରେ ନବୀନଙ୍କ ଲହର ଥିବା ସତ୍ତ୍ୱେ ୩ଟି ନିର୍ବାଚନ ମଣ୍ଡଳୀର ଗୋଟିଏ ଲେଖାଏ ଜୋନ୍ ଭାଜପା ଛଡାଇ ନେବାରେ ସଫଳ ହୋଇଛି। ମନ୍ତ୍ରୀ ପ୍ରେମାନନ୍ଦ ନାୟକଙ୍କ ଗଡରେ ଭାଜପା ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଯାହାକୁ ନେଇ ମନ୍ତ୍ରୀଙ୍କ ଶିବିରରେ ନୈରାଶ୍ୟ ଦେଖିବାକୁ ମିଳିଛି। ସେହିପରି ନିକଟରେ ଭାଜପା ଛାଡି ବିଜେଡିରେ ସାମିଲ ହୋଇଥିବା ପ୍ରଭାବଶାଳୀ ନେତା ଧନୁର୍ଜୟ ସିଦ୍ଧୁଙ୍କ ଗୋଟି ଚାଳନା ମଧ ଫସରଫାଟିଛି। ସେ ଗତ ସାଧାରଣ ନିର୍ବାଚନରେ ଭାଜପା ଟିକଟରୁ ତେଲକୋଇ ନିର୍ବାଚନ ମଣ୍ଡଳୀ ପାଇଁ ବିଧାୟକ ପ୍ରାର୍ଥୀ ହୋଇଥିଲେ। ଏଣୁ ତାଙ୍କୁ ନେଇ ପଞ୍ଚାୟତ ନିର୍ବାଚନରେ ବିଜେଡି ଲାଭବାନ ହୋଇ ପାରିଲା ନାହିଁ ବୋଲି ଆଲୋଚନା ହେଉଛି। ସେହିପରି ଚମ୍ପୁଆ ନିର୍ବାଚନ ମଣ୍ଡଳୀର ଯୋଡ଼ା ବ୍ଲକରେ ଭାଜପା ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ବିଧାୟିକା ମୀନାକ୍ଷୀ ମହାନ୍ତଙ୍କ ପ୍ରତି ଲୋକଙ୍କ ଅସନ୍ତୋଷର ଏହା ପ୍ରତିଫଳନ ବୋଲି ଚର୍ଚ୍ଚା ହେଉଛି। ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ୧ନଂ. ଜୋନରେ ଭାଜପା ପ୍ରାର୍ଥୀଙ୍କ ବିଜୟ ବିଧାୟକ ଭାଗିରଥୀ ସେଠୀଙ୍କ ପାଇଁ ମଧ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଆସନ୍ତା ୨୦୨୪ ସାଧାରଣ ନିର୍ବାଚନରେ ଏହି ନେତାଙ୍କ ପ୍ରତି ଦଳ କିପରି ଆଭିମୁଖ୍ୟ ନେବ ସେ ନେଇ ଏବେଠୁ କଳ୍ପନା ଜଳ୍ପନା ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ଜିଲାର ଏକମାତ୍ର ଭାଜପା ବିଧାୟକ ମୋହନ ମାଝୀ ତାଙ୍କ ଗଡ଼ ବଞ୍ଚାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ସଦର ନିର୍ବାଚନ ମଣ୍ଡଳୀରେ ସମସ୍ତ ଜୋନ୍‌ରେ ଭାଜପା ପ୍ରାର୍ଥୀଙ୍କ ପରାଜୟ ତାଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ସେହିପରି ଆଗକୁ ପୌର ନିର୍ବାଚନ ଥିବାରୁ ଦବଦବା ଦେଖାଇ ପାରି ନ ଥିବା ବିଧାୟକମାନେ କିଭଳି ଦଳକୁ ସଫଳତା ଆଣି ଦେଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି।

